

# ନାରୀ ମୁକ୍ତି କେଉଁ ପଥେ ?

## ଶିବଦାସ ଘୋଷ

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ)
SUCI (Communist)

# ଆମ କଥା

ନାରୀ ମୁକ୍ତିର ସଠିକ ଧାରଣା ସମ୍ପର୍କରେ ବିଭିନ୍ନ ସମୟରେ ନାନା ବକ୍ତୃତାରେ ଏ ଯୁଗର ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ ଓ ଦାର୍ଶନିକ କମ୍ରେଡ ଶିବଦାସ ଘୋଷ ପ୍ରାସଙ୍ଗିକ ଭାବେ କେତେକ ଆଲୋଚନା କରିଛନ୍ତି । ତାଙ୍କର ଏହି ସମସ୍ତ ବକ୍ତୃତାରେ ପ୍ରସଙ୍ଗକ୍ରମେ ନାରୀ ଜୀବନ ଓ ତାର ସମସ୍ୟା ସମ୍ପର୍କରେ ଯେତେ ଆଲୋଚନା କରିଛନ୍ତି, ସେଥିରୁ କେତେକ ଅଂଶକୁ ଏକତ୍ର ସଙ୍କଳନ କରି ଏଠାରେ ପ୍ରକାଶ କରାଯାଇଛି । ସ୍ୱଭାବିକ ଭାବେ ନାରୀ ସମସ୍ୟା ସମ୍ପର୍କରେ ତାଙ୍କ ଚିନ୍ତାର ଏକ କ୍ଷୁଦ୍ର ଅଂଶକୁ ହିଁ ଆମେ ଏଠାରେ ପ୍ରକାଶ କରିବାକୁ ସକ୍ଷମ ହୋଇଛୁ । ତା ସତ୍ତ୍ୱେ ବି ଆମେ ମନେକରୁ ଏହି ପୁସ୍ତକଟି ମଧ୍ୟରେ, ସେ ନାରୀ ସମାଜର ଏକ ସଂକ୍ଷିପ୍ତ ଇତିହାସ, ନାରୀ ଜୀବନର ମର୍ଯ୍ୟାଦାର ସୁରକ୍ଷା ଓ ନାରୀ ଜୀବନର ସମସ୍ୟା ସମାଧାନ ପାଇଁ କେଉଁ ପଥରେ ଆଗେଇବାକୁ ହେବ, ଏ ସବୁ ସମ୍ପର୍କରେ ଯେଉଁ ଦିଗ ନିର୍ଦ୍ଦେଶ ଦେଇ ଯାଇଛନ୍ତି ତାହାକୁ ଯଥାର୍ଥରେ ଉପଲବ୍ଧି କରି ଜୀବନରେ ପ୍ରୟୋଗ କରିପାରିଲେ ଆମେ ନାରୀ ମୁକ୍ତି ଅର୍ଜନର ସଠିକ ଲକ୍ଷ୍ୟରେ ପହଞ୍ଚି ପାରିବା । ଏହି ଆଶା ଓ ବିଶ୍ୱାସ ନେଇ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ପ୍ରଥମେ ଏହା ଓଡ଼ିଆ ଭାଷାରେ ଅନୁଦିତ ହୋଇ ପ୍ରକାଶିତ ହୋଇଥିଲା । ଏହାର ବ୍ୟାପକ ଚାହିଦାକୁ ଅନୁଭବ କରି ଆମେ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏହା ପୁନର୍ବାର ପ୍ରକାଶ କରୁଛୁ ।

ମେ, ୧୫,୨୦୧୧
ପ୍ଲଟ ନଂ. ୬୧, ରୋଡ ନଂ. ୩
ଗଙ୍ଗୋତ୍ରୀନଗର, ଶିଶୁପାଳଗଡ଼
ଭୁବନେଶ୍ୱର-୨

ଧୂର୍ଜଟୀ ଦାସ
ଏସ.ୟୁ.ସି.ଆଇ(କମ୍ୟୁନିଷ୍ଟ)
ଓଡ଼ିଶା ରାଜ୍ୟ କମିଟି

# ନାରୀ ମୁକ୍ତି କେଉଁ ପଥେ ?

ମୁଁ ମନେକରେ, ସମାଜ ବିକାଶର ବିଭିନ୍ନ ପର୍ଯ୍ୟାୟରେ ନାରୀ-ପୁରୁଷଙ୍କର ପାରସ୍ପରିକ ଭୂମିକା କିପରି ଥିଲା, ବିଶେଷ ଭାବରେ ନାରୀମାନଙ୍କର ଭୂମିକା କ'ଣ ଥିଲା ଏବଂ ସମାଜର ସ୍ୱରୂପ କିଭଳି ଥିଲା ସେ ସମ୍ପର୍କରେ ସମସ୍ତଙ୍କର ସଠିକ ଧାରଣା ରହିବା ଉଚିତ । ଯେଉଁମାନେ ଇତିହାସ ବା ସମାଜ ବିଜ୍ଞାନର ଛାତ୍ର ସେମାନେ ଜାଣନ୍ତି ଯେ ସମାଜ ବିକାଶର ଆଦ୍ୟ ଅବସ୍ଥାରେ ସମାଜରେ ନାରୀମାନଙ୍କର ପ୍ରାଧାନ୍ୟ ଓ ଆଧିପତ୍ୟ ବେଶୀଥିଲା । ସେତେବେଳେ ନାରୀମାନେ ସମାଜରେ ଅନେକ କିଛି ନିୟନ୍ତ୍ରଣ କରୁଥିଲେ । ପ୍ରାକୃତିକ ନିୟମରେ ହିଁ ସେ ସମୟର ସମାଜ ଥିଲା ମାତୃ ଶାସିତ (Matriarchal) । ଏହାର କାରଣ ମୂଳତଃ ଥିଲା ଜୈବିକ (Biological) । ଏହି ପଥ ଅନୁସରଣ କରି ନାରୀମାନଙ୍କର କର୍ତ୍ତୃତ୍ୱ ବା ମାତୃଶାସିତ ସମାଜ ଆସିଥିଲା । ନାରୀ ହିଁ ସେଦିନ ଥିଲା ଗୋଷ୍ଠୀ ଅଧିପତି । ତଦାନୀନ୍ତନ ମାତୃ ଶାସିତ ସମାଜରେ ମାର ପରିଚୟ ଦ୍ୱାରା ହିଁ ସମାଜ ପରିଚାଳିତ ହେଉଥିଲା । ଇତିହାସରେ କୃଷି (Agriculture) ଆବିଷ୍କୃତ ହେବା ପର୍ଯ୍ୟନ୍ତ ଦୀର୍ଘ ସମୟ ଧରି ମାତୃଶାସିତ ସମାଜର ଅସ୍ତିତ୍ୱ ଆମେ ଦେଖିବାକୁ ପାଉ । ପଶୁପାଳନର ସ୍ତରଠାରୁ ଆରମ୍ଭ ହେଲେ ମଧ୍ୟ, ବିଶେଷ ଭାବରେ କୃଷିର ଉତ୍ପତ୍ତି ପରେ ସମାଜରେ ଯେତେବେଳେ ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେଲା, ସେହି ସମୟରୁ ଏହି ମାତୃଶାସିତ ସମାଜ ଭାଙ୍ଗିବାକୁ ଆରମ୍ଭ କଲା । କାରଣ କୃଷିକୁ ଭିତ୍ତିକରି ସ୍ଥାୟୀ ସମ୍ପତ୍ତି ସୃଷ୍ଟି ହେବା ପରେ, ସମାଜରେ ସମ୍ପତ୍ତିର ଉତ୍ତରାଧିକାର ପ୍ରଶ୍ନ ଆସିଲା ଏବଂ ତାକୁ କେନ୍ଦ୍ର କରି ସମସ୍ୟା ସୃଷ୍ଟି ହେଲା । ବର୍ତ୍ତମାନ ସମାଜରେ ମନୋଗାମୀ (monogamy) ଭିତ୍ତିରେ ଅର୍ଥାତ୍ ଜଣେ ସ୍ୱାମୀର ଜଣେ ସ୍ତ୍ରୀ ବା ଜଣେ ସ୍ତ୍ରୀର ଜଣେ ସ୍ୱାମୀ ଏହି ଯେଉଁ ବୈବାହିକ ଜୀବନ ଆମ୍ଭେମାନେ ଦେଖିବାକୁ ପାଉ, ସେ ସମୟରେ ସମାଜରେ ଏହି ଧରଣର ମନୋଗାମୀ ଭିତ୍ତିରେ ଦାମ୍ପତ୍ୟ ଜୀବନ ନଥିବା ଫଳରେ ସନ୍ତାନର ପିତା କିଏ ତାହା ଜାଣିବାର ଉପାୟ ନଥିଲା । କିନ୍ତୁ ସନ୍ତାନର ମା କିଏ ତାହା ଜାଣିବାରେ କୌଣସି ଅସୁବିଧା ନଥିଲା । ଏହି

କାରଣରୁ ସନ୍ତାନର ପରିଚୟ ଥିଲା ମା ନାମରେ । ଅର୍ଥାତ୍ ସେହି ସମାଜରେ ସନ୍ତାନର ମାତୃ ପରିଚୟ ପାଇବାରେ ଅସୁବିଧା ନଥିଲା ମାତ୍ର ପିତୃ ପରିଚୟର ସନ୍ଧାନ ପାଇବା ଥିଲା ଖୁବ୍ କଷ୍ଟକର । କାରଣ ଏଭଳି ମା ବି ଥିଲେ ଯେଉଁମାନଙ୍କର ସନ୍ତାନର ପିତାମାନେ ସମଗ୍ର ଗୋଷ୍ଠୀରେ ବିକ୍ଷିପ୍ତ ହୋଇ ରହିଥିଲେ । ସୁତରାଂ, ମାତୃଶାସିତ ସମାଜରେ ସନ୍ତାନର ପିତୃ ପରିଚୟ କ୍ଷେତ୍ରରେ ଏହି ଯେଉଁ ବିପତ୍ତି ତାହା ସ୍ୱାଭାବିକ ଭାବରେ ଦେଖାଦେଲା ସମ୍ପତ୍ତିର ମାଲିକାନାର ପ୍ରଶ୍ନକୁ କେନ୍ଦ୍ର କରି ।

କିନ୍ତୁ ମନେ ରଖିବାକୁ ହେବ, ମାତୃଶାସିତ ସମାଜ, ପିତୃଶାସିତ ସମାଜରେ ପରିଣତ ହେବାର ମୂଳକାରଣ ଅନ୍ୟତ୍ର ରହିଛି । ସମାଜରେ ଚାଷବାସ ଆସିବାପରେ ଦେଖାଗଲା ଯେ, ଏଥିପାଇଁ ଯେଉଁ କଠିନ ଶାରିରୀକ ପରିଶ୍ରମ (arduous physical labour) ପ୍ରୟୋଜନ, ମହିଳାମାନଙ୍କ ପକ୍ଷରେ ସନ୍ତାନ ଧାରଣ ସମୟରେ ଓ ପରେ ମଧ୍ୟ ବେଶ୍ କିଛି ଦିନ ପର୍ଯ୍ୟନ୍ତ ଏତେ ଶାରିରୀକ ପରିଶ୍ରମ କରିବା ସମ୍ଭବ ନଥିଲା ଏବଂ ଯେହେତୁ ସେତେବେଳେ ଚାଷବାସ ଥିଲା ଉତ୍ପାଦନର ପ୍ରଧାନ ଉପାୟ, ସେହି କାରଣରୁ ଉତ୍ପାଦନ କ୍ଷେତ୍ରରେ ମହିଳାମାନେ ପଛରେ ପଡିଗଲେ । ଏଠାରେ ପ୍ରାସଙ୍ଗିକ ଭାବେ ଗୋଟିଏ କଥା କହିବା ଖୁବ୍ ପ୍ରୟୋଜନ । ତାହା ହେଉଛି ଜମିର ମାଲିକ ହୋଇ ଏ ପୃଥିବୀକୁ କେହି ଆସି ନାହିଁ । ଯେଉଁମାନେ ସମ୍ପତ୍ତି ଉପରେ ମାଲିକର ଅଧିକାରକୁ ଈଶ୍ୱର ପ୍ରଦତ୍ତ ପବିତ୍ର ଅଧିକାର ବୋଲି ଦାବି କରନ୍ତି, ସେମାନେ ହୁଏତ ସତ୍ୟର ସନ୍ଧାନ ପାଇନାହାଁନ୍ତି, ନଚେତ ମାନବ ସମାଜରେ ବ୍ୟକ୍ତିଗତ ସମ୍ପତ୍ତି ଉତ୍ପତ୍ତିର ଇତିହାସକୁ ଗୋପନ ରଖିବାକୁ ଚାହାଁନ୍ତି । ଆମ ଦେଶରେ ଜମି ମାଲିକମାନେ କହନ୍ତି, ଏହି ଜମିଦାରୀ ସେମାନଙ୍କ ବାପା-ଜେଜେବାପା ଅମଳର ଜମିଦାରୀ । ସେମାନେ କହିବାକୁ ଚାହାଁନ୍ତି ସେମାନଙ୍କ ପୂର୍ବପୁରୁଷ ବହୁ କଷ୍ଟକରି ଏହି ଜମିଦାରୀ, ଟଙ୍କାପଇସା ଇତ୍ୟାଦି ଅର୍ଜନ କରିଛନ୍ତି । ଏହା ଏକ ମସ୍ତବଡ ମିଥ୍ୟାଚାର । ଅସଲ କଥା ହେଲା ଏସବୁ ଆଦୌ ସେମାନଙ୍କର ମେହେନତର ଫଳ ନୁହେଁ । ଅନୁସନ୍ଧାନ କଲେ ଜାଣି ହେବ ଯେ ଏକଦା ଲାଠି ବଳରେ, ଅନ୍ୟମାନଙ୍କୁ ବଞ୍ଚିତ କରି ସେମାନେ ଏହି ଜମିର ମାଲିକ ହୋଇଥିଲେ । ସେମାନେ ପରେ ନିଜ ସ୍ୱାର୍ଥରେ, ଯେପରି ଜମି ନିଜ ହାତରେ ଠୁଳ କରି ରଖିହେବ ସେହିଭଳି ଆଇନ କାନୁନ ତିଆରି କରିଛନ୍ତି ଏବଂ ଲାଠି ଦେଖାଇ ଅନ୍ୟମାନଙ୍କୁ ବାଧ୍ୟ କରିଛନ୍ତି ଏହିସବୁ ଆଇନ କାନୁନ ମାନି ନେବାପାଇଁ, ସମାଜର କ୍ରମବିକାଶର ଏହି ସ୍ତରରେ ପହଞ୍ଚିବା ପରେ ହିଁ ମାତୃଶାସିତ ସମାଜ ବ୍ୟବସ୍ଥାର ଅବସାନ ଘଟିବା ଦେଖାଯାଏ ।

ଏହିଭଳି ଚାଷବାସ କାର୍ଯ୍ୟରେ ଯେଉଁଦିନଠାରୁ ସମାଜରେ ପୁରୁଷର ଶ୍ରମର ଆଧିପତ୍ୟ ସ୍ୱୀକୃତ ହେଲା, ସେହିଦିନଠାରୁ ପୁରୁଷମାନଙ୍କଠାରୁ ମହିଳାମାନେ ପଛରେ ପଡିବାକୁ ଆରମ୍ଭ କଲେ । ପ୍ରକୃତରେ କହିବା ଠିକ ହେବ ଯେ ପୁରୁଷମାନେ ମହିଳାମାନଙ୍କୁ

ଦବେଇ ଦେଲେ । ସେହିଦିନଠାରୁ ନାରୀକୁ ଦମନ କରିବା ଆରମ୍ଭ ହେଲା । ସମାଜ ବିକାଶର ଏହି ସ୍ତରରେ ମାତୃଶାସିତ ସମାଜ ପିତୃଶାସିତ ସମାଜରେ ରୁପାନ୍ତରିତ ହେଲା । ସେହିଦିନଠାରୁ ପିତା ସମାଜର ଅଧିପତି ହେଲା । ଦିନେ ମାଆର ପରିଚୟ ଥିଲା ସନ୍ତାନର ପରିଚୟ, ପରେ ପିତୃ ପରିଚୟ ଦ୍ୱାରା ସନ୍ତାନ ପରିଚିତି ହେବାକୁ ଲାଗିଲା । ଇତିହାସ ଖୋଜିଲେ ଏହି ବିଷୟରେ ଅନେକ ଲୁକ୍କାୟିତ ତଥ୍ୟ ଓ ସତ୍ୟର ସନ୍ଧାନ ମିଳିବ । ଅସଲରେ ନାରୀସମାଜ ଏ ବଶ୍ୟତା ସହଜରେ ମାନି ନେଇ ନାହିଁ । ସେତେବେଳେ ନାରୀକୁ ପୁରୁଷର ଆଧିପତ୍ୟ ବିରୁଦ୍ଧରେ ଭୀଷଣ ଭାବେ ଲଢ଼ିବାକୁ ପଡିଥିଲା । କାରଣ ତାକୁ ବଳ ପ୍ରୟୋଗ କରି, ଦମନ କରି ରଖିବା ପାଇଁ ଚେଷ୍ଟା କରାଯାଇଥିଲା । ସେହି ସମୟର ନାରୀ, ଆଜିର ନାରୀ ଭଳି ଓଢ଼ଣା ତଳେ ଅବଳା ନାରୀ ନଥିଲା କିମ୍ବା ଆଜି ଭଳି ଅତି ଦୁର୍ବଳ ନଥିଲା । ସେମାନେ ସେତେବେଳେ ଯଥେଷ୍ଟ ଶାରୀରିକ ଶକ୍ତିର ଅଧିକାରିଣୀ ଥିଲେ । ସେମାନେ ଅସ୍ତ୍ରଧାରଣ କରି ଜାଣିଥିଲେ, ଯୁଦ୍ଧ କରିପାରୁଥିଲେ, ଗୋଟିଏ ଗୋଟିଏ ଚାପୁଡା ମାରି ବହୁ ପୁରୁଷଙ୍କୁ ସାବାଡ କରି ଦେଇପାରୁଥିଲେ । ସେଥିପାଇଁ ସେମାନେ ଲଢେଇ କରୁଥିଲେ, ଜୀବନ ଉତ୍ସର୍ଗ କରୁଥିଲେ, ସେଦିନ ଅନେକ ରକ୍ତ ଝରିଥିଲା । କିନ୍ତୁ ଶେଷପର୍ଯ୍ୟନ୍ତ ନାରୀକୁ ପରାଜୟ ସ୍ୱୀକାର କରିବାକୁ ପଡିଲା ଏବଂ ପୁରୁଷ କିଛି ନିୟମ ଓ ଅନୁଶାସନ ତିଆରି କରି ନାରୀକୁ ପୁରୁଷ ଉପରେ ନିର୍ଭର କରି ବଞ୍ଚିବାକୁ ବାଧ କଲା । ନାରୀକୁ ପୁରୁଷ ଶାସିତ ସମାଜର ଅନୁଶାସନ ମାନିବାକୁ ବାଧ କରିବା ପାଇଁ ଦୀର୍ଘ ସମୟ ଧରି ପୃଥିବୀ ବ୍ୟାପୀ ଲଢ଼େଇ ଚାଲିଥିଲା । କିନ୍ତୁ ଦୁଃଖର ବିଷୟ ଯେଉଁସବୁ ଅନୁଶାସନ ପ୍ରଥମେ ନାରୀସମାଜ ମାନିବାକୁ ଚାହିଁ ନାହିଁ, ସେ ଯାହା ବିରୁଦ୍ଧରେ ଦିନେ ରକ୍ତକ୍ଷୟୀ ସଂଗ୍ରାମ କରିଛି, ସେହି ନାରୀ ସମାଜ କାଳକ୍ରମେ ଧିରେ ଧିରେ ସେସବୁ ଅନୁଶାସନ ମାନିବାକୁ ଆରମ୍ଭ କରିଛି ଏବଂ ମାନି ମାନି ନାରୀ ଆଜି ଏଭଳି ଅବସ୍ଥାରେ ଆସି ପହଞ୍ଚିଛି, ଯେତେବେଳେ ସେ ନିଜେ କେବଳ ସେହି ଅନୁଶାସନ ଗୁଡ଼ିକ ମାନିବାକୁ ଅଭ୍ୟସ୍ତ ହୋଇଉଠିଛି ତାହା ନୁହେଁ, ବଂର ସେହି ସବୁ ବିଧାନ ଆଜି ସଂସ୍କାର ରୂପରେ ନାରୀ ଜୀବନର ଅଙ୍ଗ ହୋଇ ଯାଇଛି । ଆଜି ନାରୀ ନିଜେ ସେହି ସମସ୍ତ ସଂସ୍କାରର ଶୀକାର । ତେଣୁ ଆଜି ଦେଖିବାକୁ ମିଳେ ଯେ, ବହୁ କ୍ଷେତ୍ରରେ ନାରୀମାନେ ନିଜେ ହିଁ ନାରୀ ସ୍ୱାଧୀନତା ବିରୁଦ୍ଧରେ ମୁଖର ।

ନାରୀ ସ୍ୱାଧୀନତାର ପ୍ରଶ୍ନ ଉଠିଲେ କିଛିଲୋକ ସାଙ୍ଗେ ସାଙ୍ଗେ ଇନ୍ଦିରା ଗାନ୍ଧୀଙ୍କ ଭଳି ମହିଳାଙ୍କ କଥା ଉଠାନ୍ତି । କିନ୍ତୁ ଏଭଳି ଉଦାହରଣ ଦେବା ଠିକ୍ ନୁହେଁ । ଇନ୍ଦିରା ଗାନ୍ଧୀଙ୍କ କଥା ନ କହିବା ଭଲ । ଆପଣଙ୍କ ନିଜ ଘରେ ନିଜ ସ୍ତ୍ରୀର ଅବସ୍ଥା କ'ଣ, ଆପଣ ପ୍ରଥମେ ତାହା ଦେଖନ୍ତୁ । ସେ ମଧ୍ୟ ନାରୀ ସମାଜର ଏକ ଅଂଶ କୁହନ୍ତି କି ? ଇନ୍ଦିରା

ଗାନ୍ଧୀ ତ ଭାରତବର୍ଷର ସମଗ୍ର ନାରୀ ସମାଜର ପ୍ରତିନିଧି ନୁହନ୍ତି, ଭାରତବର୍ଷର ନାରୀସମାଜର ପ୍ରକୃତ ସ୍ୱରୂପ ଯଦି ଦେଖିବାକୁ ଚାହାନ୍ତି, ତାହା କ'ଣ ଇନ୍ଦିରା ଗାନ୍ଧୀଙ୍କୁ ଦେଖି ଜାଣିପାରିବେ ? ସବୁ ଯୁଗରେ ଏଭଳି ଦୁଇ ଚାରି ଜଣ ମହିଳା ଥାଆନ୍ତି ଯେଉଁମାନେ ସ୍ୱାଧୀନ ଭାବରେ ବିଚରଣ କରନ୍ତି । କିନ୍ତୁ ମୁଁ ଆପଣଙ୍କୁ ସେହିସବୁ ମହିଳାମାନଙ୍କ କଥା କହୁଛି, ଯେଉଁମାନଙ୍କୁ ଆପଣମାନେ ଘରେ ଘରେ ଦେଖିବାକୁ ପାଆନ୍ତି । ସାଂସାରିକ ଯନ୍ତାର ଅଠାକାଠିରେ ବନ୍ଧା ନାରୀସମାଜ, ଯେଉଁମାନେ ଗୋଲାମୀ ଜୀବନଯାପନ କରୁଛନ୍ତି । ଆଉ ଯେଉଁସବୁ ମହିଳାମାନେ ସାଜସଜ୍ଜା କରନ୍ତି, ଫେସନ କରନ୍ତି, ମାର୍କେଟିଂ କରନ୍ତି ସେମାନଙ୍କର ଇତିହାସ ତ ଅସଲରେ ନାରୀସମାଜର ଅସମ୍ମାନର ଇତିହାସ । ପ୍ରକୃତରେ ନିଜର ଗୌରବମୟ ଇତିହାସ କଥା ନାରୀ ଆଜି ଭୁଲି ଯାଇଛି । ସେମାନେ ଏସବୁ କଥା ଜାଣନ୍ତି ନାହିଁ । ଏସବୁ କଥା ସେମାନଙ୍କୁ ଆଜି ସ୍ମରଣ କରାଇଦେବା ପ୍ରୟୋଜନ ରହିଛି । ସେମାନଙ୍କୁ ମନେ ପକାଇଦେବା ପ୍ରୟୋଜନ ଯେ, ସମାଜରେ ଦିନେ ନାରୀମାନଙ୍କର ଆଧିପତ୍ୟ ଥିଲା । ସମାଜରେ ଯେତେବେଳେ ଚାଷବାସ କଥା ପ୍ରବର୍ତ୍ତନ ହେଲା, ଯେତେବେଳେ ସମ୍ପତ୍ତି ଉପରେ ବ୍ୟକ୍ତି ମାଲିକାନାର ପ୍ରଶ୍ନ ଦେଖାଦେଲା, ସେତେବେଳେ ସମାଜରେ ପ୍ରତିଷ୍ଠିତ ହେଲା ପୁରୁଷର ଆଧିପତ୍ୟ । ଯେହେତୁ ପୁରୁଷର ଶାରୀରିକ ପରିଶ୍ରମ କରିବାର କ୍ଷମତା ବେଶୀ ଏବଂ ନାରୀ ଯେତେବେଳେ ଗର୍ଭଧାରଣ କରେ ସେତେବେଳେ ଅନ୍ତତଃ ତିନିରୁ ଛଅ ମାସ ଯାଏଁ ତାର ଶାରୀରିକ ପରିଶ୍ରମ କରିବାର କ୍ଷମତା ନଥାଏ, ତାହାରି ସୁଯୋଗ ନେଇ ଚାଷବାଷ ସୃଷ୍ଟି ହେବାପରେ ଶ୍ରମବିଭାଜନ କ୍ଷେତ୍ରରେ, ଉତ୍ପାଦନ କ୍ଷେତ୍ରରେ ପୁରୁଷ ତାର ଆଧିପତ୍ୟ ପ୍ରତିଷ୍ଠା କରିବାକୁ ସକ୍ଷମ ହେଲା । କିଛି ନିୟମର ଅନୁଶାସନ ତିଆରି କରି ନାରୀ ଉପରେ ସେସବୁ ଲଦିଦେଲା ।

ପ୍ରଥମ ଅବସ୍ଥାରେ ଏହିସବୁ ଅନୁଶାସନର ଅସଲ ତାତ୍ପର୍ଯ୍ୟ କ'ଣ, ଅର୍ଥ କ'ଣ, ତାହା ବୁଝିବା ନାରୀମାନଙ୍କର ଅସୁବିଧା ହୋଇନାହିଁ । ମାତ୍ର ଧୀରେ ଧୀରେ ଗୋଟିଏ ଅବସ୍ଥାକୁ ଆସି ସେମାନେ ଏସବୁ ବିଷୟ ଭୁଲିଗଲେ । ଆଜି ଏହିସବୁ ଅନୁଶାସନ ଗୁଡ଼ିକ ସଂସ୍କାର ରୂପରେ ସେମାନଙ୍କୁ ପ୍ରଭାବିତ କରୁଛି । ସେମାନଙ୍କ ମୁଣ୍ଡଉପରେ ମାଡ଼ି ବସିଛି । ଆଜି କେହି କେହି ମହିଳା କହନ୍ତି ଝିଅମାନଙ୍କ ପାଇଁ ଏହିସବୁ ସାମାଜିକ ଅନୁଶାସନର ପ୍ରୟୋଜନ ଅଛି । ଏକଦା ଯେଉଁ ନାରୀକୁ ଦାସତ୍ୱ ସ୍ୱୀକାର କରାଇବା ନିମନ୍ତେ, ତାକୁ ଘରକୋଣରେ ଆବଦ୍ଧ କରି ରଖିବା ପାଇଁ, ରୀତିନୀତି ଅନୁଶାସନର ଶୃଙ୍ଖଳ ତିଆରି କରାଯାଇଥିଲା, ସେହି ଅନୁଶାସନର ସେ ନିଜେ ହିଁ ଆଜି ସବୁଠାରୁ ବଡ ସମର୍ଥକ ।

ଆମ ଦେଶର ମହିଳାମାନଙ୍କର ଚିନ୍ତା ଚେତନା, ବିଶେଷ କରି ମର୍ଯ୍ୟାଦାବୋଧର ଅଭାବ କେଉଁ ଜାଗାରେ ଆସି ପହଞ୍ଚିଛି ତାହା ଆଉ ଗୋଟିଏ ବିଷୟ ଉଲ୍ଲେଖ କଲେ ବୁଝିବା ସହଜ ହେବ । ଆମ ଦେଶରେ ଗୋଟିଏ ବିଶେଷ ସମ୍ପ୍ରଦାୟ ମଧ୍ୟରେ ବିବାହିତ

ମହିଳାମାନେ ସିନ୍ଥିରେ ସିନ୍ଦୁର ଲଗାଇବା ରୀତି ରହିଛି । ଯେଉଁ ମହିଳାମାନେ କପାଳରେ ବା ସିନ୍ଥିରେ ସିନ୍ଦୁର ଟୋପା ଲଗାନ୍ତି ସେମାନେ ଏଥିପାଇଁ ଖୁବ୍ ଗର୍ବବୋଧ କରନ୍ତି । ଅଥଚ ଏହି ସିନ୍ଦୁର ଲଗାଇବା ପଛରେ ଯେଉଁ ଲଜ୍ଜାଜନକ କାହାଣୀ ଲୁଚି ରହିଛି ସେ ସବୁ ସେମାନେ ଭୁଲି ଯାଇଛନ୍ତି । ସେମାନଙ୍କୁ ଏସବୁ କଥା ଭୁଲେଇ ଦିଆଯାଇଛି । ସେମାନଙ୍କ ନିକଟରେ ସିନ୍ଦୁର ଲଗାଇବାଟା ଗୋଟିଏ ବଦ୍ଧମୂଳ ସଂସ୍କାରରେ ପରିଣତ ହୋଇଛି । ସିନ୍ଦୁର ପିନ୍ଧିବାକୁ ଏବେ ସେମାନେ ଭଲ ପାଇ ଶିଖିଛନ୍ତି । ସିନ୍ଦୁର ଲଗାଇବା ପ୍ରତି ସେମାନଙ୍କ ମନରେ ଆନନ୍ଦ ଓ ଗୌରବବୋଧ ସୃଷ୍ଟି ହୋଇଛି ।

ଏହିଭଳି ବେଶ୍ କିଛି ବିଷୟ ସମାଜକୁ ଆସି ଯାଇଛି ଯାହା ବଦ୍ଧମୂଳ ସଂସ୍କାର ଛଡା ଆଉକିଛି ନୁହେଁ । ଏହା ହେଉଛି ଇତିହାସର ଏକ ନିଦାରୁଣ ପରିହାସ । ଏସବୁ ସଂସ୍କାରରୁ ମୁକ୍ତି ପାଇବା ଆଜି ନାରୀମାନଙ୍କ ପକ୍ଷରେ ଏକାନ୍ତ ଜରୁରୀ ହୋଇପଡ଼ିଛି । କିନ୍ତୁ ମନେ ରଖିବାକୁ ହେବ ଯେ, ଏହି ମୁକ୍ତିର ଅର୍ଥ ଉଚ୍ଛୃଙ୍ଖଳତା ବା ସ୍ୱେଚ୍ଛାଚାରିତା ନୁହେଁ । ଆଜିକାଲିର ମହିଳାମାନଙ୍କ ମଧ୍ୟରେ ଅନେକ ଅଛନ୍ତି ଯେଉଁମାନେ ଭାବନ୍ତି ଯେ, ଯେହେତୁ ସେମାନେ ଏକୁଟିଆ ରାସ୍ତାକୁ ବାହାରି ପାରନ୍ତି, ଇଚ୍ଛାନୁସାରେ ସିନେମା ଯାଇପାରନ୍ତି, ପୂଜାମଣ୍ଡପକୁ ଯାଇପାରନ୍ତି, ଯାହାକୁ ପ୍ରେମ କରନ୍ତି ତାଙ୍କ ହାତ ଧରି ସାରା ରାତି ବୁଲିପାରନ୍ତି, ପସନ୍ଦ ମୁତାବକ ଶାଢ଼ୀ, ଗହଣା ପିନ୍ଧି ପାରନ୍ତି, ସେହେତୁ ସେମାନେ ପୁରାପୁରି ସ୍ୱାଧୀନ । ତେଣୁ ସେମାନେ ମନେ କରନ୍ତି, ସେମାନଙ୍କର କୌଣସି ଦୁଃଖ ନାହିଁ, ସେମାନଙ୍କ ଭଳି ସ୍ୱାଧୀନ, ସଚେତନ ଏବଂ ଶକ୍ତିଶାଳୀ କେହି ନାହାନ୍ତି । ଏପରିକି ଅନେକ ଶିକ୍ଷିତା ମହିଳାଙ୍କର ମଧ୍ୟ ଚିନ୍ତାଧାରା ଏହିଭଳି । ଏହା ଭିତରେ କେଉଁଠି ଯେ ଅବମାନନା (humiliation) ଲୁଚି ରହିଛି, ତାହା ମଧ୍ୟ ସେମାନେ ବୁଝିପାରନ୍ତି ନାହିଁ । ଏହାହିଁ ହେଉଛି ସବୁଠାରୁ ଦୁଃଖଜନକ ବିଷୟ । ଶଢ଼ୀ, ଗହଣା ପିନ୍ଧାଇ ବା ଭଲ ଲୁଗାପଟା ପିନ୍ଧାଇ ସେମାନଙ୍କୁ ଯେ କଣ୍ଢେଇ ଭଳି ସଜେଇ ରଖା ହୋଇଛି ବାପା, ଭାଇ ବା ସ୍ୱାମୀ ଯିଏବି ଏଭଳି କରିଥାଉ ନା କାହିଁକି- ତାଦ୍ୱାରା ପ୍ରତି ମୁହୁର୍ତ୍ତରେ ନାରୀତ୍ୱକୁ ଅବମାନନା କରାଯାଉଛି ଏହା ବୁଝିବାର କ୍ଷମତା ହିଁ ଆଜିକାଲିକାର ଅନେକ ଶିକ୍ଷିତା ମହିଳାଙ୍କର ମଧ୍ୟ ନାହିଁ ବରଂ ସେମାନଙ୍କର ମାନସିକତା ଏହାର ବିପରୀତ ।

ଆଉ ଗୋଟିଏ ବିଷୟ ମୁଁ ଏଠାରେ ଉଲ୍ଲେଖ କରିବାକୁ ଚାହେଁ । ଅନେକ ଶିକ୍ଷିତା ମହିଳା ଅଛନ୍ତି ଯେଉଁମାନେ ସର୍ବଦା ସେମାନଙ୍କର ସ୍ୱାମୀମାନଙ୍କୁ କୁହନ୍ତି, ମୋତେ ତୁମେ ବିଭାହ କରିଛ, ଖାଇବାକୁ ଦେବ ନାହିଁ କାହିଁକି ? ମୋତେ ତୁମେ ପୋଷିବ କାରଣ ମୁଁ ତୁମର ସ୍ତ୍ରୀ ।

ଏହା ଏକ ଅଦ୍ଭୁତ ପରିସ୍ଥିତି । ମୁଁ ପଚାରିବାକୁ ଚାହେଁ ଯେ, ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଯେଉଁ ଭଲ ପାଇବା ତାହା କ'ଣ ଦେବା ନେବାର ବ୍ୟାପାର ? ଦେଣା ପାଉଣାର

ମାପକାଠିରେ ଭଲପାଇବାର ବିଚାର ହେବ ନା କ'ଣ ? ଏଭଳି ଚିନ୍ତା ଭିତରେ ଯେ କେତେବଡ ଲଜ୍ଜା ଓ ଅପମାନ ଲୁଚି ରହିଛି ସେହି ବିଚାର ଟିକକ ବି ଏହିସବୁ ମହିଳାମାନଙ୍କର ନାହିଁ । ମୁଁ କହେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ହେବ ଏଭଳି ଯେ ତା ଭିତରେ କୌଣସି ଦାବି ରହିବ ନାହିଁ, ଜବରଦସ୍ତି ରହିବ ନାହିଁ । ଝରଣାର ଜଳ ଭଳି ସ୍ୱାଭାବିକ ହେବ । ସ୍ୱାମୀ ବା ସ୍ତ୍ରୀ ଏକ ଅପରକୁ ଯାହା ଦେଉଛି, ତାହା କର୍ତ୍ତବ୍ୟ ବୋଲି ଦେଉନାହିଁ, ଦେଉଛି ଭଲ ପାଇବା ଯୋଗୁଁ । ଦେବାପାଇଁ ମନ ବ୍ୟାକୁଳ, ସେହି କାରଣରୁ ଦେଉଛି । ଆଉ ଏକ ପ୍ରକାର ଦେବା-ନେବାର ବିଷୟ ଆସିଛି କର୍ତ୍ତବ୍ୟର ଧାରଣାରୁ । ଅର୍ଥାତ୍ ସ୍ୱାମୀ ହିସାବରେ ସ୍ତ୍ରୀକୁ ଖାଇବାକୁ ଦେବା ତା'ର କର୍ତ୍ତବ୍ୟ । ଏହି ଧାରଣାରୁ ହିଁ କୌଣସି ସ୍ତ୍ରୀ ତା'ର ସ୍ୱାମୀକୁ କହିପାରେ, ସ୍ୱାମୀ ହିସାବରେ ତୁମେ ମୋତେ ପୋଷିବାକୁ ବାଧ୍ୟ । ନଦେଲେ ମୁଁ କୋର୍ଟକୁ ଯିବି । ଦେବନି କାହିଁକି ? ବାହା ହୋଇଛ, ବେଶୀ ଚାଲାକି ନାଁ କ'ଣ ? ଯେଉଁମାନେ ପାଠଶାଠ ପଢ଼ିନାହାନ୍ତି, ଅଶିକ୍ଷିତ, ସେମାନେ ଯେତେବେଳେ ଏ କଥା କୁହନ୍ତି, ସେକଥା ଅଗଲା । ତା ଛଡା ମୁଁ ଜାଣେ, ସମାଜ ଆଜି ଯେଉଁଠି ଦଣ୍ଡାୟମାନ, ଯେଉଁଠାରେ ଶତକଡା ୯୯ ଭାଗ ମହିଳା କେବଳ ଅଶିକ୍ଷିତ ଓ କର୍ମହୀନ ନୁହଁନ୍ତି ବରଂ ଏନ୍ତୁଡିଶାଳ ଓ ରୋଷେଇଘରେ ବନ୍ଦୀ, ସେଠାରେ ସ୍ୱାମୀ ପରିତ୍ୟକ୍ତା ଯେକୌଣସି ସ୍ତ୍ରୀକୁ ନିଜ ସନ୍ତାନର ଲାଳନପାଳନ ନିମନ୍ତେ ସ୍ୱାମୀ ନିକଟରୁ ଆଇନସମ୍ମତ ଅଧିକାର ହିସାବରେ ଭରଣପୋଷଣ ଆଦାୟ କରିବାକୁ ହେବ । କିନ୍ତୁ ଶିକ୍ଷିତ ମହିଳାମାନେ ଯେତେବେଳେ ଏକଥା କୁହନ୍ତି ଏବଂ କହିବାକୁ ଯେଉଁମାନଙ୍କୁ ଟିକିଏ ବି ଲଜ୍ଜା ଲାଗେନା, ତାହା ଭାବି ମୁଁ ଆବାକ୍ ହୋଇଯାଏ । ମୁଁ ଭାବେ ଯେ, ଶିକ୍ଷିତ ହୋଇ ମଧ୍ୟ ନାରୀତ୍ୱର ଏହି ଅବମାନନା ସେମାନେ ବୁଝି ପାରୁନାହାନ୍ତି । ଆଦିମ ଯୁଗରେ ନର-ନାରୀ ସମ୍ପର୍କ, ଯୌନ ସମ୍ପର୍କ ନେଇ ଅନେକ ମରାମରି, ହଣାକଟା ହୋଇଛି । ସେ ସମୟରେ ସମାଜରେ ନୀତି ନୈତିକତାର କୌଣସି ରୂପରେଖ ଗଢ଼ିଉଠି ନଥିଲା । କିନ୍ତୁ ଆଜି ସ୍ୱାମୀ-ସ୍ତ୍ରୀ ସମ୍ପର୍କ କ୍ଷେତ୍ରରେ ସାମାଜିକ ନୁହେଁ ମନର ରୂପରେଖ ମଧ୍ୟ ଗଢ଼ି ଉଠିଛି । ଆଦିମ ଯୁଗରେ ଏସବୁ ନଥିଲା । ଫଳରେ ସେ ସମୟର କଥା ଅନ୍ତତଃ ବୁଝି ହୁଏ । କିନ୍ତୁ ଆଜି ଯେତେବେଳେ ଦେଖେ ପ୍ରେମ ନାଁ ରେ ଚାଲେ ଉତ୍ତେଜନା, ଯାହା ଅଧିକାଂଶ କ୍ଷେତ୍ରରେ ଅସଲରେ ସ୍ନାୟବିକ ଉତ୍ତେଜନା ଏବଂ ଯୌନବିକୃତ ଛଡା ଆଉ କିଛି ନୁହେଁ, ସେତେବେଳେ ସମାଜର ଅଧୋଗତିର ଚିତ୍ରଟି ସ୍ପଷ୍ଟ ହେହୋଇଯାଏ ।

ନାରୀ ସ୍ୱାଧୀନତା ବା ପୁରୁଷର ଆଧିପତ୍ୟରୁ ମହିଳାମାନଙ୍କ ମୁକ୍ତି କଥାଟାର ଅର୍ଥ ହେଉଛି ମହିଳାମାନଙ୍କର ପୁରୁଷମାନଙ୍କ ସହିତ ସମାନ ଅଧିକାର ଅର୍ଜନ କରିବା । ମୁଁ କହେ, ନାରୀ ସ୍ୱାଧୀନତାର ପ୍ରୟୋଜନ ଅଛି, ସେମାନଙ୍କୁ ସେ ସ୍ୱାଧୀନତା ଦେବାକୁ ହେବ । ଯେଉଁ ଦିନ ପ୍ରକୃତ ଅର୍ଥରେ ଏହି ସ୍ୱାଧୀନତା ଆସିବ, ସେଦିନ ପରିବାର ଗଢ଼ି

ଉଠିବ ସ୍ୱାମୀ-ସ୍ତ୍ରୀ ଉଭୟଙ୍କର ସମାନ ଅଧିକାର ଓ ମର୍ଯ୍ୟାଦାବୋଧ ଉପରେ ଭିତ୍ତିକରି । ସ୍ୱାମୀ କାମ କରିବେ, ସ୍ତ୍ରୀ ମଧ୍ୟ କାମ କରିବେ । ସ୍ୱାମୀ କାମ ନକଲେ ଯେପରି ପରିବାର ଚଳେନି, ସ୍ତ୍ରୀ ଯଦି କାମ ନକରନ୍ତି ତା ହେଲେ କ'ଣ ସଂସାର ଚଳିବ ? ତେଣୁ ନାରୀର ସମାନ ମର୍ଯ୍ୟାଦା, ସମାନ ଅଧିକାର ରହିବା ଏକାନ୍ତ ଜରୁରୀ, ତାକୁ ସମ୍ମାନ ଦେବା ମଧ୍ୟ ଖୁବ୍ ଜରୁରୀ, ସ୍ୱାମୀ-ସ୍ତ୍ରୀ ସମ୍ପର୍କ ଶ୍ରଦ୍ଧା ଓ ଭଲପାଇବା ଉପରେ ଏବଂ ପାରସ୍ପରିକ ସମ୍ପର୍କ ଉପରେ ଭିତ୍ତିକରି ଗଢିଉଠିବ । ଏଠାରେ କୌଣସି ଜୋର ଜବରଦସ୍ତି ଚଳେନାହିଁ । ଏଭଳି ଭଲପାଇବା ନାରୀ-ପୁରୁଷ ଉଭୟଙ୍କୁ ମହତ୍ କରେ, ହେୟ କରେନା । ପୁନଶ୍ଚ ସ୍ୱାମୀ-ସ୍ତ୍ରୀ ସମ୍ପର୍କ କେବେ ଯଦି ଏଭଳି ପର୍ଯ୍ୟାୟରେ ପହଞ୍ଚେ ଯେ, ଭଲପାଇବା ବୋଲି ଆଉ ଅବଶିଷ୍ଟ କିଛି ରହେନା ତାହା ବିଭିନ୍ନ କାରଣରୁ ହୋଇପାରେ-ସେତେବେଳେ ବିବାହ ବିଚ୍ଛେଦ (divorce) ଦାବି ଏକ ନ୍ୟାୟ ସଙ୍ଗତ ଦାବି ଏବଂ ଆଜି ତାହା ଆଇନଗତ ସ୍ୱୀକୃତି ମଧ୍ୟ ହୋଇପାରିଛି । ଏପର୍ଯ୍ୟନ୍ତ ଠିକ୍ ଅଛି । କିନ୍ତୁ ଏଥି ସହିତ ସ୍ତ୍ରୀ ପକ୍ଷରୁ ଯେତେବେଳେ ଭରଣପୋଷଣ (alimony) ଦାବିରେ ଆଇନଗତ ଲଢେଇ (legal battle) ଆରମ୍ଭ ହୁଏ, ତାହା କ'ଣ ନାରୀ ପାଇଁ ଖୁବ୍ ଗୌରବଜନକ ? ମୁଁ ଜାଣେ ଏହି ଦାବି ନେଇ ବିଭିନ୍ନ ସ୍ଥାନରେ ଖୁବ୍ ଶକ୍ତିଶାଳୀ ଆନ୍ଦୋଳନ ହେଉଛି । ଏହି ଦାବି ସପକ୍ଷରେ ସ୍ତ୍ରୀ ଗର୍ଭଜାତ ସନ୍ତାନର ଦାୟିତ୍ୱ ପାଳନ କରିବା କଥା ଉଠେ । କିନ୍ତୁ ଯେଉଁମାନେ ଶିକ୍ଷିତ ବିଶେଷକରି ଯେଉଁମାନେ ନିଜକୁ ବିପ୍ଳବୀ ବା କମ୍ୟୁନିଷ୍ଟ ବୋଲି ମନେକରନ୍ତି, ସେହିସବୁ ଶିକ୍ଷିତ ବା କମ୍ୟୁନିଷ୍ଟ ମହିଳାମାନଙ୍କୁ ମୁଁ ପ୍ରଶ୍ନ କରିବି, ଭରଣପୋଷଣ ଦାବି ଉଠେଇବା ଭିତରେ ଯେ ନାରୀତ୍ୱର ଅବମାନନା ଲୁଚି ରହିଛି ସେକଥା କ'ଣ କେବେ ସେମାନେ ଭାବି ଦେଖିଛନ୍ତି ? ଏହି ଦାବି ପଛରେ ନାରୀତ୍ୱର କେଉଁ ମହା ଅଧିକାରବୋଧ ଲୁଚି ରହିଛି ତାହା ମୁଁ ବୁଝି ପାରୁନାହିଁ । ଯେଉଁଠାରେ ଭଲ ପାଇବା ଆଉ ରହିଲା ନାହିଁ ସେଠାରେ ବିବାହ ବିଚ୍ଛେଦ ନିଶ୍ଚିତ ନ୍ୟାଯ୍ୟ ଦାବି । କିନ୍ତୁ ଏକଦା ସ୍ତ୍ରୀ ଥଲେ ବୋଲି ବିବାହ ବିଚ୍ଛେଦ ପରେ ମଧ୍ୟ ସ୍ୱାମୀ ଠାରୁ ଭରଣପୋଷଣ ଆଦାୟ କରିବାକୁ ହେବ ଏହି ଦାବି କ'ଣ ନାରୀତ୍ୱର ମର୍ଯ୍ୟାଦାବୋଧ ଉପରେ ପ୍ରତିଷ୍ଠିତ ? ଅଥଚ ଆମ ଦେଶରେ କମ୍ୟୁନିଷ୍ଟ ନାଁରେ ଯେଉଁସବୁ ଦଳ ଅଛନ୍ତି, ସେମାନଙ୍କ ଭିତରେ ମଧ୍ୟ ଅନେକ ସମୟରେ ମୁଁ ଏହି ମର୍ଯ୍ୟାଦାବୋଧର ଚିହ୍ନବର୍ଣ୍ଣ ଦେଖିବାକୁ ପାଇନାହିଁ ।

ଅନ୍ୟ ଦିଗରେ ଥରେ ଆମ ସମାଜର ଧନୀ ପରିବାର ଗୁଡ଼ିକ ପ୍ରତି ନଜର ପକାନ୍ତୁ । ସେମାନଙ୍କର କିଛି ଅଭାବନାହିଁ । ଭଲ ଖାଇବା, ଭଲ ଗହଣା, ଶାଢ଼ୀ, ଗାଡ଼ି, ଘର- ଯେତେବେଳେ ଯାହା ଇଚ୍ଛା ତାହା ସେମାନେ ପାଆନ୍ତି । କିନ୍ତୁ ସେମାନେ କୌଣସି କାମ କରନ୍ତି ନାହିଁ । କାମ ନ କରିବାକୁ ହିଁ ସେମାନେ ଗୌରବର ବିଷୟବୋଲି ମନେ

କରନ୍ତି । ସେମାନଙ୍କ ଧାରଣା କାମ କରିବା ହେଉଛି ଅସମ୍ମାନଜନକ । ସେମାନେ ନିଜେ କୌଣସି କାମ କରିବା ପାଇଁ ଉପଯୁକ୍ତ ନୁହନ୍ତି । ସେମାନଙ୍କର ଅବସ୍ଥା ପୁରାପୁରି ନିକୃଷ୍ଟ । ଅନେକାଂଶରେ ଦୋକାନରେ ସଜାହୋଇ ରଖାଯାଇଥିବା କଣ୍ଢେଇ ଭଳି । ମୁଁ ପ୍ରଶ୍ନକରେ, ଏହା କ'ଣ ମର୍ଯ୍ୟାଦାକର ? ଏହି ଜୀବନ କ'ଣ ମର୍ଯ୍ୟାଦାସମ୍ପନ୍ନ ଜୀବନ ? ଆଦୌ ନୁହେଁ । ଅଥଚ ଏହିସବୁ ମହିଳାମାନେ ଏଥିରେ ହିଁ ଖୁସି । ଯେତେବେଳେ ଇଚ୍ଛା ସେମାନେ ସିନେମା ଯାଇପାରନ୍ତି, ଜଳବାୟୁ ପରିବର୍ତ୍ତନ ପାଇଁ ଯେଣେ ଇଚ୍ଛା ତେଣେ ଯାଇପାରନ୍ତି ଏବଂ ଏହି ସବୁ ବିଷୟରେ ସେମାନେ ଖୁବ୍ ଖୁସି । ଯେପରି ଏହାହିଁ ସେମାନଙ୍କର ଜୀବନର ମୋକ୍ଷ । ଗୋଟିଏ ବିଷୟରେ ସେମାନେ ସଚେତନ ଯେ, ପୁରୁଷ ଯେହେତୁ ସାଧାରଣତଃ ଯୌନତାର ଦାସ, ସେଇଥିପାଇଁ ଏସବୁ କ୍ଷେତ୍ରରେ ସ୍ୱାମୀମାନଙ୍କ ଉପରେ ସେମାନଙ୍କର କର୍ତ୍ତୃତ୍ୱ ଅନେକ ବେଶୀ । କିନ୍ତୁ ସେମାନେ ଖିଆଲ କରନ୍ତି ନାହିଁ ଯେ, ସମାଜର ଅନ୍ୟାନ୍ୟ କ୍ଷେତ୍ରରେ ସେମାନଙ୍କର ପ୍ରାୟ କୌଣସି ସମ୍ମାନ ବା ମର୍ଯ୍ୟାଦା ନାହିଁ । ଆପଣମାନଙ୍କୁ ମନେ ରଖିବାକୁ ହେବ ଯେ, ଜୀବନର ମର୍ଯ୍ୟାଦା ପାଇବା ଗୋଟିଏ କଥା; ଆଉ ଭଲ ଖାଇବା, ଭଲ ପୋଷାକ ପରିଚ୍ଛଦ, ଶାଢୀ, ଗାଡି, ଘର ପାଇବା ଆଉ ଗୋଟିଏ କଥା । ଏହି ଦୁଇଟି ମଧ୍ୟରେ ଆକାଶପାତାଳ ଫରକ । ଆପଣମାନଙ୍କୁ ବୁଝିବାକୁ ହେବ, ମର୍ଯ୍ୟାଦା ହରାଇ କୌଣସି କିଛି ପାଇବାରେ ମନୁଷ୍ୟତ୍ୱ ନାହିଁ । ଖାଇବା, ପିନ୍ଧିବା, ସୁଖ ସମ୍ପଦ, ଯୌନଜୀବନ, ଭଲପାଇବା, ସ୍ନେହ, ପ୍ରୀତି-ମମତା ସବୁକିଛି ମଣିଷ ଜୀବନରେ ଦରକାର କିନ୍ତୁ ମର୍ଯ୍ୟାଦା ହରାଇ ଯିଏ ଏସବୁ ପାଇଲେ, ମଣିଷ ହିସାବରେ ତାଙ୍କର ଆଉ କ'ଣ ରହିଲା ? ଅଥଚ ଏହି ମହିଳାମାନେ, ଯେଉଁମାନେ ସଂଭ୍ରାନ୍ତ ଭାବରେ ସମାଜରେ ପରିଚିତ, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଜୀବନର ସ୍ୱପ୍ନ କ'ଣ ? ସେମାନେ ଜୀବନରେ କ'ଣ ଚାହାନ୍ତି ? ସେମାନେ ଅନେକ ଭାବନ୍ତି ବଡ ଅଫିସରଙ୍କ ସ୍ତ୍ରୀ ହେବେ, ବଡ ଘରେ ରହିବେ, ଇଚ୍ଛା ମୁତାବକ ଗାଡି ଧରି ବୁଲି ବାହାରିବେ, ମାର୍କେଟିଂ କରିବେ, କ'ଣ କ'ଣ କିଣିଲେ ସେସବୁ ବିସ୍ତାରିଭାବେ ଅନ୍ୟମାନଙ୍କୁ ଶୁଣେଇବେ- ଏହିଭଳି କେତେ କଥା ? ସେମାନେ ମନେ କରନ୍ତି ଏସବୁ କରିପାରିଲେ ଜୀବନର ସବୁ ସ୍ୱପ୍ନ ଚରିତାର୍ଥ ହେବ । କିନ୍ତୁ ଆମେ ଯାହାକୁ ସ୍ୱାଧୀନତା କହୁଛୁ, ସେଇ ସ୍ୱାଧୀନତାର ଧାରଣା ଏହା ନୁହେଁ । ଏହାକୁ ମର୍ଯ୍ୟାଦାବୋଧର ସଠିକ ଉପଲବ୍ଧି କୁହାଯାଏନା । କାରଣ ଏ ଧରଣର ଜୀବନଯାପନରେ ପ୍ରକୃତ ମର୍ଯ୍ୟାଦା ପାଇବା କେବେହେଲେ ସମ୍ଭବ ନୁହେଁ । ସମସ୍ତେ, ବିଶେଷ ଭାବରେ ପୁରୁଷମାନେ ଏ ଧରଣର ମହିଳାମାନଙ୍କୁ କେବେ ବି ଅସମ୍ମାନ ଛଡା ସମ୍ମାନ ଦୃଷ୍ଟିରେ ଦେଖନ୍ତି ନାହିଁ । ମର୍ଯ୍ୟାଦାବୋଧର ଏହା ଏପରି ଏକ ବିକୃତ ରୂପ ଯେ, ଯାହା ଭିତରେ ଏହା ଥାଏ, ସୁଯୋଗ ପାଇଲା ମାତ୍ରେ ଯେକେହି ତା'ର ସମ୍ମାନ ହାନି କରିପାରେ ।

ମୁଁ ପୁଣି ଥରେ କହିବି, ନାରୀ ତ ମାନବ ସମାଜର ଗୋଟିଏ ଅଂଶ, କେବଳ ଅଂଶ ନୁହେଁ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ । ପୁରୁଷ-ନାରୀ ଉଭୟ ମିଶି ମଣିଷ ସମାଜ । ଏହି କାରଣରୁ ସମାଜ ପ୍ରଗତିରେ, ସମାଜ ବିକାଶର ସଂଗ୍ରାମରେ ଏବଂ ସମାଜ ବିପ୍ଳବରେ ପୁରୁଷର ଯେଉଁଭଳି ଭୂମିକା ରହିବ, ନାରୀର ମଧ୍ୟ ସେହିଭଳି ସମାନ ଭୂମିକା ରହିବା ଦରକାର । ଆମ୍ଭେମାନେ ଚାହୁଁ କାହା ଉପରେ କାହାର ଶୋଷଣ ରହିବ ନାହିଁ । ସୁତରାଂ ଆମ୍ଭମାନଙ୍କର ଏକମାତ୍ର କାମ ହେଉଛି ଏଭଳି ଏକ ସମାଜ ପ୍ରତିଷ୍ଠା କରିବା ଯେଉଁଠାରେ ଜଣକର ଆଉ ଜଣକ ଉପରେ ଆଧିପତ୍ୟ ରହିବନାହିଁ । ଅଥଚ ବର୍ତ୍ତମାନ ଯେଉଁ ଲଢେଇଟି ଚାଲିଛି ତାହା ନିହାତି ଅର୍ଥହୀନ, କାରଣ ଦୁହିଁଙ୍କ ମଧ୍ୟରୁ ଜଣେ ଅନ୍ୟ ଜଣକୁ ବାଦଦେଇ ଚଳିପାରିବ ନାହିଁ । ଯେଉଁମାନେ ନିଜ ଭିତରେ ଲଢୁଛନ୍ତି ସେମାନଙ୍କୁ ମଧ୍ୟ ବୁଝିବାକୁ ହେବ, ଏହି ଲଢେଇଟା ଏପରି ନୁହେଁ ଯେ, ଜଣେ ଅନ୍ୟ ଜଣଙ୍କୁ ଛାଡି ଚଳିପାରିବ । ନାରୀ ପାଇଁ ଯେପରି ପୁରୁଷର ପ୍ରୟୋଜନ ରହିଛି, ପୁରୁଷ ପାଇଁ ମଧ୍ୟ ସେହିଭଳି ନାରୀର ପ୍ରୟୋଜନ ରହିଛି । ଦୁଇଜଣ ସମାନ ଭାବରେ ସାମାଜିକ ଉତ୍ପାଦନରେ ଅଂଶ ଗ୍ରହଣ କରିବେ ଏବଂ ମାନବ ସମାଜକୁ ସମସ୍ତ ପ୍ରକାର ଶୋଷଣରୁ ମୁକ୍ତ କରିବେ ।

ଗୋଟିଏ କଥା ଆମ୍ଭେମାନେ କେହି ଭୁଲି ପାରୁନା ଯେ ଆମ ଦେଶର ଜନସଂଖ୍ୟାର ପଚାଶ ଭାଗ ନାରୀ । ସୁତରାଂ ଭାବିଦେଖନ୍ତୁ, ଏହି ପଚାଶ ଭାଗ ମଣିଷଙ୍କୁ ବର୍ତ୍ତମାନ ସମାଜର ଜଡତ୍ୱରୁ ମୁକ୍ତ କରିବା କାମଟି କେତେ ଜରୁରୀ । କିନ୍ତୁ ମହିଳାମାନେ ଯଦି ଭାବନ୍ତି ଯେ, ପୁରୁଷମାନେ ସେମାନଙ୍କୁ ସ୍ୱାଧୀନତା ଦେଇଦେବେ ଆଉ ସେମାନେ ତାକୁ ଗ୍ରହଣ କରିବେ, ମୁଁ ମନେ କରେ ଏହାଠାରୁ ବଳି ଭୁଲ ଆଉ କିଛି ହୋଇପାରେନା । ନାରୀ ଯଦି ସ୍ୱାଧୀନତା ଅର୍ଜନ କରିବାକୁ ଚାହେଁ, ତାହା ପୁରୁଷ ଦେଇ ପାରେନା, ପୁରୁଷ ଏ ସଂଗ୍ରାମରେ କେବଳ ସାହାଯ୍ୟ କରିପାରେ ମାତ୍ର । ଆପଣମାନେ ମନେରଖିବେ, ଯେକୌଣସି ଅଧିକାର ଲଢେଇ କରି ଅର୍ଜନ କରିବାକୁ ହୁଏ । ଏ କ୍ଷେତ୍ରରେ ମଧ୍ୟ ସେହି ଅଧିକାର ସେମାନଙ୍କୁ ସଂଗ୍ରାମ କରି ଅର୍ଜନ କରିବାକୁ ହେବ । ଉନ୍ନତ ମର୍ଯ୍ୟାଦାବୋଧ ଓ ଇଜ୍ଜତବୋଧ ଉପରେ ଭିତ୍ତି କରି ମହିଳାମାନେ ଛିଡା ହୋଇପାରିଲେ ତାହା ଯେ ସମାଜର ଅଗ୍ରଗତିକୁ କେତେ ତ୍ୱରାନ୍ୱିତ କରିବ ତାହା ଭାଷାରେ ପ୍ରକାଶ କରିହେବ ନାହିଁ । ମହିଳାମାନଙ୍କ ମାନ ଉନ୍ନତ ହେବାମାନେ, ପୁରୁଷମାନଙ୍କ ମାନ ନିମ୍ନଗାମୀ ହେବା ବିରୁଦ୍ଧରେ ତାହା ଏକ ମସ୍ତବଡ ଗ୍ୟାରେଣ୍ଟି । ନାରୀର ଶିକ୍ଷା, ସ୍ୱାଧୀନତାର ବିକାଶ, ମର୍ଯ୍ୟାଦାବୋଧ ବୃଦ୍ଧି ଓ ଚାରିତ୍ରିକ ଉନ୍ନତି ତ ପୁରୁଷର ନିଜର ପ୍ରୟୋଜନରେ ସବୁଠାରୁ ବେଶି ଦରକାର । କିନ୍ତୁ ମୂର୍ଖ ପୁରୁଷମାନେ ହୀନତା ଦ୍ୱାରା ପରିଚାଳିତ ହୋଇ ନିଜର ଆବଶ୍ୟକତାଟିକୁ ମଧ୍ୟ ବୁଝି ପାରନ୍ତି ନାହିଁ । ବୁଝନ୍ତି ନାହିଁ ବୋଲି ସଂସ୍କାରର ବଶବର୍ତ୍ତୀ ହୋଇ ବାହାରେ ନାରୀ ପ୍ରଗତି ଆନ୍ଦୋଳନର ବିରୋଧିତା କରନ୍ତି, ପୁଣି ଅନ୍ୟ ଦିଗରେ ଶିକ୍ଷିତ ପୁରୁଷ ସୁଯୋଗ

ପାଇବା ମାତ୍ରେ ନାରୀ ପ୍ରଗତି ସମ୍ପର୍କରେ ବକ୍ତୃତା ଦେଇ ଆସର ଗରମ କରନ୍ତି, ଅଥଚ ନିଜ ସ୍ତ୍ରୀକୁ ଘର କୋଣରେ ଲୁଚେଇ ରଖନ୍ତି । ଏହା ହିଁ ତା ନିଜ ଭିତରେ ଏକ ଅଦ୍ଭୁତ ଦ୍ୱନ୍ଦ । ପୁରୁଷମାନେ ଯଦି ଯଥାର୍ଥରେ ନାରୀ ସମସ୍ୟାର ପ୍ରକୃତି ବୁଝି ପାରନ୍ତେ ତା ହେଲେ ଠିକ୍ ଧରି ପାରନ୍ତେ ଯେ ପୁରୁଷର ସ୍ୱାର୍ଥ ପାଇଁ ନାରୀ ସ୍ୱାଧୀନ ହେବା ଦରକାର । ଆଉ ବିଶେଷ କରି ମହିଳାମାନଙ୍କର ଦରକାର ଉନ୍ନତ ଚରିତ୍ର ଅର୍ଜନ କରିବା । ଯେହେତୁ ଝିଅମାନେ ସ୍ୱାଭାବିକ ନିୟମରେ ପୁଅମାନଙ୍କୁ ଆକୃଷ୍ଟ କରନ୍ତି, ତେଣୁ ପୁଅମାନେ ଯେତେବେଳେ ଝିଅମାନଙ୍କ ସଂସ୍ପର୍ଶରେ ଆସନ୍ତି ସେତେବେଳେ ଝିଅମାନେ ଉନ୍ନତ ଚରିତ୍ର ସମ୍ପନ୍ନ ହେଲେ ତା'ର ପ୍ରଭାବ (impact) ପୁଅମାନଙ୍କ ଉପରେ ପଡିବାକୁ ବାଧ୍ୟ । ଏହାର ଗୁରୁତ୍ୱ ଅପରିସୀମ । ସମାନ ଭାବରେ ଉନ୍ନତ ଚରିତ୍ରର ଅଧିକାରୀ ପୁଅମାନେ ଝିଅମାନଙ୍କ ଚରିତ୍ର ଉପରେ ଖୁବ ଭଲ ପ୍ରଭାବ ପକାଇ ପାରନ୍ତି ଏବଂ ପକାନ୍ତି ମଧ୍ୟ । ମୁଁ ସମସ୍ତ କମ୍ୟୁନିଷ୍ଟ କର୍ମୀମାନଙ୍କ ଉଦ୍ଦେଶ୍ୟରେ ଗୋଟିଏ କଥା କହିବାକୁ ଚାହେଁ, ତା ହେଉଛି, ମହିଳାମାନଙ୍କୁ ମର୍ଯ୍ୟାଦା ଦୃଷ୍ଟିରେ ଦେଖନ୍ତୁ, ଅମର୍ଯ୍ୟାଦାକର ଦୃଷ୍ଟିରେ ଦେଖନ୍ତୁ ନାହିଁ । ବିପ୍ଳବୀ ଆନ୍ଦୋଳନରେ ଏହାର ଫଳ ଭଲ ହୋଇପାରେନା । ମହିଳାମାନେ ବ୍ୟକ୍ତିତ୍ୱହୀନ ଜଡ ପଦାର୍ଥ ବା ମାଂସପିଣ୍ଡ– ଏହି ଦୃଷ୍ଟିଭଙ୍ଗୀକୁ ଆପଣମାନେ ପରିତ୍ୟାଗ କରନ୍ତୁ । ଏହିଭଳି ଭାବରେ ଯଦି ସମସ୍ତେ ଆଗେଇ ପାରନ୍ତି ତେବେ ଯେଉଁ ନାରୀ ଜାତି ଆଜି ଅନ୍ଧକାରରେ ସଢୁଛି, ଅନ୍ଧକାରରେ ଆଛନ୍ନ ସେମାନେ ମଧ୍ୟ ମୁକ୍ତି ଆନ୍ଦୋଳନର ସ୍ୱାଦ ଓ ମର୍ଯ୍ୟାଦାବୋଧକୁ ଅନୁଭବ କରି ଦୃଢ ପଦକ୍ଷେପରେ ବିପ୍ଳବୀ ଆନ୍ଦୋଳନରେ ଲମ୍ଫ ପ୍ରଦାନ କରିପାରନ୍ତି ।

ପୁରୁଷଶାସିତ ସମାଜ ବିରୁଦ୍ଧରେ ମହିଳାମାନଙ୍କ ମଧ୍ୟରେ ମର୍ଯ୍ୟାଦାବୋଧ ଗଢି ତୋଳିବା ଉଦ୍ଦେଶ୍ୟରେ ମୁଁ ଏକଥା କହୁଛି । ପୁରୁଷଶାସିତ ଦାସ ପ୍ରଥାରେ ଏବଂ ପରବର୍ତ୍ତୀକାଳରେ ସାମନ୍ତପ୍ରଥା ପ୍ରଚଳିତ ଥିବା ସମୟରେ ନାରୀର ଅସହାୟତାର ସୁଯୋଗ ନେଇ ପୁରୁଷ ନାରୀକୁ ଯେଭଳି ଯଥେଷ୍ଟ ଭାବରେ ଭୋଗ କରିଛି, ଆଜି ମଧ୍ୟ ପୁଞ୍ଜିବାଦୀ ବ୍ୟବସ୍ଥାରେ ଗଣତନ୍ତ୍ର, ଗଣତାନ୍ତ୍ରିକ ଅଧିକାର ପ୍ରଭୃତି ବଡ ବଡ କଥାର ଆଢୁଆଳରେ ସମାନ ଭାବରେ ନାରୀ ଉପରେ ଅତ୍ୟାଚାର, ଅନ୍ୟାୟ ଓ ଅବିଚାର ଚାଲିଛି । ଆଜି ମଧ୍ୟ ନାରୀ ଅଧିକାଂଶ କ୍ଷେତ୍ରରେ ପୁରୁଷର ଯୌନଲାଳସାର ଯନ୍ତ୍ର ହିସାବରେ ବିବେଚିତ । ନାରୀମାନଙ୍କୁ ଏହା ବିରୁଦ୍ଧରେ ନିଶ୍ଚିତ ଭାବରେ ଲଢିବାକୁ ହେବ, ଆତ୍ମ ମର୍ଯ୍ୟଦାବୋଧ ଭିତ୍ତିରେ ଲଢିବାକୁ ହେବ । ମାତ୍ର ପୁରୁଷ ଜାତି ବିରୁଦ୍ଧରେ ତାକୁ ଲଢେଇ କରିବାକୁ ହେବ, ଘୃଣା ଭିତ୍ତିରେ ନୁହେଁ, ପୁରୁଷ ମାତ୍ରେ ହିଁ ପଶୁ ଏହି ଧାରଣା ଭିତ୍ତିରେ ନୁହେଁ । ଲଢିବାକୁ ହେବ, ଯେଉଁ ପୁଞ୍ଜିବାଦୀ ସମାଜ ସମସ୍ତ ସାମାଜିକ ବୈଷମ୍ୟ ଓ ଅନାଚାରର ଉତ୍ସ ହିସାବରେ ଦଣ୍ଡାୟମାନ, ସେହି ଶୋଷଣମୂଳକ ପୁଞ୍ଜିବାଦୀ ବ୍ୟବସ୍ଥା ବିରୁଦ୍ଧରେ

ଆଜି ସମଗ୍ର ଦେଶବ୍ୟାପୀ ବିଭିନ୍ନ ଭାବରେ ନାରୀମାନଙ୍କ ଉପରେ ଯେଉଁ ଅବର୍ଣ୍ଣନୀୟ ଅନ୍ୟାୟ, ଅତ୍ୟାଚାର ପ୍ରତି ମୂହୁର୍ତ୍ତରେ ଘଟିଚାଲିଛି ତା ବିରୁଦ୍ଧରେ ସଂଗ୍ରାମ ପରିଚାଳନା କରିବା ସମୟରେ ଏକଥା ମନେ ରଖିବାକୁ ହେବ ଯେ, କେଉଁ ନାରୀ ଯଥାର୍ଥଭାବେ ଏହା ବିରୁଦ୍ଧରେ ଲଢେଇ ପରିଚାଳନା କରିପାରେ । ମନେ ରଖିବାକୁ ହେବ, ଏ ଲଢେଇ ଲଢିପାରେ କେବଳ ସେହି ନାରୀ ଯେଉଁ ନାରୀ ଆତ୍ମମର୍ଯ୍ୟାଦା ଭିତ୍ତିରେ ଲଢି ଜାଣେ, ଯିଏ ଜାଣେ, ଯେଉଁ ପୁରୁଷଶାସିତ ଶ୍ରେଣୀବିଭକ୍ତ ସମାଜବ୍ୟବସ୍ଥା ଏହି ଅନ୍ୟାୟ ମୂଳରେ କାମ କରୁଛି ସେହି ସମାଜବ୍ୟବସ୍ଥାକୁ ଉଚ୍ଛେଦ କରିବାକୁ ନାରୀ-ପୁରୁଷ ଏକତ୍ର ମିଳିତ ହୋଇ ଲଢିବାକୁ ହେବ ।

ଏକଥା ଭାବିବେ ନାହିଁ ଯେ, ପ୍ରଥମ ପର୍ଯ୍ୟାୟରେ ଆପଣମାନେ ଯେତେବେଳେ ନାରୀ ସ୍ୱାଧୀନତା ପ୍ରସଙ୍ଗ ଉତ୍‌ଥାପନ କରିବେ ସେତେବେଳେ କୌଣସି ଝଡ ଉଠିବ ନାହିଁ । ସେତେବେଳେ ପ୍ରବଳ ଝଡ ଉଠିବ, ଅନେକ ବାଧା ବିପତ୍ତି ଦେଖାଦେବ, ଅଶାନ୍ତି ସୃଷ୍ଟି ହେବ । କିନ୍ତୁ ଏସବୁ ଦେଖି ଭୟଭିତ ହେଲେ ଚଳିବ ନାହିଁ । ନାରୀକୁ ସ୍ୱାଧୀନତା ଦେଲେ କାଳେ ସେ ବିପଥଗାମୀ ହୋଇଯିବ ଏହି ଭୟରେ ବହୁ ପୁରୁଷ ନାରୀକୁ କବାଟ କିଳି ରଖିଥାନ୍ତି । ଏହିସବୁ ଚଳିବାକୁ ଦିଆଯାଇ ପାରେନା । ପୁରୁଷମାନେ କ'ଣ ବିପଥଗାମୀ ହୁଅନ୍ତି ନାହିଁ ? ସେମାନଙ୍କ ମଧ୍ୟରୁ ଅନେକ ତ ମଦ ପିଅନ୍ତି, ଯାହା ଇଚ୍ଛା ତାହା କରନ୍ତି । ଯେଉଁମାନେ ବାହାରେ ଏସବୁ କରି ବୁଲନ୍ତି, ସେମାନେ ପୁଣି ଘରକୁ ଫେରି ସାଧୁ ପୁରୁଷ ହୋଇଯାଆନ୍ତି, ବିବାହ କରି ସେମାନେ ଭଦ୍ର ଲୋକ ହୋଇଯାଆନ୍ତି । ଏହିଭଳି ସମସ୍ୟା ନାରୀ ଜୀବନରେ ମଧ୍ୟ ଆସିପାରେ । ଜୀବନର ଚଲାପଥରେ ଗୋଟିଏ ଝିଅ ଯଦି କୌଣସି ଭୁଲ କରିବସେ ତାକୁ ଆଉ ଥରେ ସୁଯୋଗ ଦେବା ଉଚିତ । ବୁଝେଇବା ଉଚିତ ଯଦ୍ୱାରା ଏପରି ଭୁଲ ପୁନର୍ବାର ନକରେ । ଆଉ ଯଦି ପୁରୁଷ ଓ ନାରୀ ଉଭୟ ପୁରାପୁରି ବିପଥଗାମୀ ହୋଇଥାନ୍ତି ତେବେ ଉଭୟଙ୍କୁ ଏକା ଦୃଷ୍ଟିଭଙ୍ଗୀରେ ଦେଖିବାକୁ ହେବ । ସେ କ୍ଷେତ୍ରରେ ନାରୀ ପୁରୁଷ ଉଭୟଙ୍କୁ ଶାସନ କରିବାକୁ ହେବ । ସେମାନଙ୍କର ବିକାଶ ଓ ଅଗ୍ରଗତିର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଭୟଙ୍କୁ ସମାନ ସୁଯୋଗ ଦେବାକୁ ହେବ । କିନ୍ତୁ ଆଜିକାର ଏହି ପିତୃଶାସିତ ସମାଜରେ ଏହି ସମାନ ସୁଯୋଗ ଦେବା ସମ୍ପୂର୍ଣ୍ଣ ଅସମ୍ଭବ । ଏସବୁ ଶୁଣି କେହି ପ୍ରଶ୍ନ କରିପାରନ୍ତି, ତାହେଲେ ଆମ୍ଭେମାନେ କ'ଣ ପୁଣି ମାତୃଶାସିତ ସମାଜକୁ ଫେରିଯିବାକୁ ଚାହୁଁ? ଏହି ପ୍ରଶ୍ନର ଉତ୍ତରରେ ମୁଁ ଗୋଟିଏ କଥା କହିବି ଯେ ମୁଁ କେବେ ବି ଏକଥା କହି ନାହିଁ । କହି ନାହିଁ ଯେ ସମାଜ ମାତୃଶାସିତ ହେବ । ମୁଁ କେବଳ କହିଛି ଯେ, ମାନବ ସମାଜ ସୁଦୂର ଅତୀତରେ ମାତୃଶାସିତ ଥିଲା, ପରେ ଜୋର ଜବରଦସ୍ତ ପିତୃଶାସିତ ସମାଜ ପ୍ରତିଷ୍ଠିତ ହୋଇଛି, ତେବେ ଯାହା ପ୍ରୟୋଜନ

ତାହା ହେଉଛି ଏହି ପୁରୁଷଶାସିତ ସମାଜର ଅବସାନ ଘଟାଇ ମାନବପ୍ରଧାନ ସମାଜ ପ୍ରତିଷ୍ଠିତ ହେଉ, ଯାହା ମାତୃଶାସିତ ନୁହେଁ କିମ୍ବା ପିତୃଶାସିତ ନୁହେଁ । ଯେଉଁଠାରେ ନାରୀ ଓ ପୁରୁଷ ସମାନ ଅଧିକାର ସମାନ ଦାୟିତ୍ୱ ଏବଂ ସମମର୍ଯ୍ୟାଦାବୋଧ ଭିତ୍ତିରେ ସଂସାର ଗଢିବେ ତଥା ମନୁଷ୍ୟତ୍ୱର ମାପକାଠିରେ ନିଜର ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦାନ କରିବେ । ମୁଁ ଜାଣେ, ମୁଁ ଯାହା ଚାହୁଁଛି ବା କହୁଛି ତାହା ବର୍ତ୍ତମାନ ପ୍ରଚଳିତ ସମାଜ ବ୍ୟବସ୍ଥାରେ ସମ୍ଭବ ନୁହେଁ । ଏହା ଆମ୍ଭମାନଙ୍କର ଲକ୍ଷ୍ୟ ଓ ଆଦର୍ଶ । ଆମ ଦଳ, ଦଳର ନେତୃତ୍ୱ ଓ ସମସ୍ତ କର୍ମୀଙ୍କୁ ଏହି ଆଦର୍ଶଟିକୁ ମନେ ରଖିବାକୁ ହେବ । କହିଦେଲେ ବି ସାଧାରଣ ମଣିଷ ଆଜି ହିଁ ଏହି ଆଦର୍ଶକୁ ନିଜ ଜୀବନରେ ପ୍ରୟୋଗ କରିପାରିବେ ନାହିଁ । କିନ୍ତୁ ସାଧାରଣ ମଣିଷ ପାରିବେନି ବୋଲି ଦଳର ନେତୃତ୍ୱ ମଧ୍ୟ ପାରିବେ ନାହିଁ ଏଭଳି କୁଯୁକ୍ତି ନହେବା ବାଞ୍ଛନୀୟ ।

ଏହି ପ୍ରସଙ୍ଗରେ ଆଉ ଗୋଟିଏ ବିଷୟ ମଧ୍ୟ ଭଲଭାବରେ ବୁଝିବା ଦରକାର । ମୁଁ ପୂର୍ବରୁ କହିଛି, ନାରୀ ସ୍ୱାଧୀନତା ନାରୀମାନଙ୍କୁ ହିଁ ଅର୍ଜନ କରିବାକୁ ହେବ– ସେହି ସ୍ୱାଧୀନତା କେହି ସେମାନଙ୍କ ହାତରେ ଅର୍ପଣ କରିଦେବେ ନାହିଁ । ଆଉ ଏହା ସେମାନଙ୍କୁ ଅର୍ଜନ କରିବାକୁ ହେବ ବିପ୍ଳବୀ ଆନ୍ଦୋଳନ ସଙ୍ଗେ ଯୁକ୍ତ ହୋଇ । ପ୍ରକୃତରେ ନାରୀ ମୁକ୍ତି ପ୍ରଶ୍ନଟି ପୁଞ୍ଜିବାଦୀ ଶୃଙ୍ଖଳରୁ ଉତ୍ପାଦନକୁ ମୁକ୍ତ କରିବା ପ୍ରଶ୍ନଟି ସହିତ ଓତଃପ୍ରୋତ ଭାବେ ଜଡିତ । ତେଣୁ ନାରୀମାନେ ଯଦି ଯଥାର୍ଥରେ ମୁକ୍ତି ଚାହାନ୍ତି ତେବେ ସେମାନଙ୍କୁ ପୁଞ୍ଜିବାଦ ବିରୋଧି ସଂଗ୍ରାମରେ ସାମିଲ ହେବାକୁ ହେବ । ଯେତେଦିନ ଯାଏଁ ଉତ୍ପାଦନ ତଥା ଉତ୍ପାଦନର ଯନ୍ତ୍ର ଉପରୁ ବ୍ୟକ୍ତି ମାଲିକାନାର ଅବସାନ ନ ଘଟିଛି, ସେତେଦିନ ଯାଏଁ ପୁରୁଷଶାସିତ ସମାଜ ବ୍ୟବସ୍ଥାରୁ ନାରୀମାନଙ୍କର ମୁକ୍ତି ଅସମ୍ଭବ । ନାରୀ ମୁକ୍ତି, ନାରୀ–ପୁରୁଷଙ୍କର ସମାନ ଅଧିକାର, ଭଲପାଇବାର ଅଧିକାର, ନାରୀତ୍ୱର ମର୍ଯ୍ୟାଦା ଓ ସମ୍ଭ୍ରମବୋଧ ନିମନ୍ତେ ଯେଉଁମାନେ ଲଢିବେ, ପୁରୁଷଶାସିତ ସମାଜର ମାନସିକ ଜଟିଳତା, ଆଧିପତ୍ୟ ଓ ଜବରଦସ୍ତି ହାତରୁ ମୁକ୍ତହୋଇ ସମମର୍ଯ୍ୟାଦାର ଭିତ୍ତିରେ ପ୍ରେମ–ଭଲପାଇବା ଯେଉଁମାନେ ପାଇବାକୁ ଚାହିଁବେ, ସେମାନଙ୍କୁ ଏକଥା ବୁଝିବାକୁ ହେବ ଯେ, ଆଜିକାର ଦିନରେ ସେମାନଙ୍କର ଏହି ସଂଗ୍ରାମ ପ୍ରକୃତ ପକ୍ଷେ ଶ୍ରମିକ ବିପ୍ଳବ, ସମାଜତନ୍ତ୍ର ଏବଂ ସାମ୍ୟବାଦ ପ୍ରତିଷ୍ଠାର ସଂଗ୍ରାମ ସଙ୍ଗେ ଓତଃପ୍ରୋତଭାବେ ଜଡିତ । ସେମାନେ ଯଦି ପୁଞ୍ଜିବାଦ ବିରୋଧି ଲଢେଇରେ ସାମିଲ ହେବା ନିମନ୍ତେ ପ୍ରସ୍ତୁତ ନ ହୁଅନ୍ତି, ତେବେ ବୁଝିବାକୁ ହେବ ସେମାନେ ପ୍ରକୃତ ସଚେତନ ନାରୀ ନୁହଁନ୍ତି । ସେମାନେ ନିଜର ମର୍ଯ୍ୟାଦା ଓ ସ୍ୱାଧୀନତା ସମ୍ପର୍କରେ ସଠିକ୍ ଉପଲବ୍ଧିର ଅଧିକାରିଣୀ ନୁହଁନ୍ତି । ସେମାନେ ଯଦି ଏହି ବିପ୍ଳବୀ କର୍ମକାଣ୍ଡରେ ଆତ୍ମନିୟୋଗ କରିବାର ସଂଗ୍ରାମରୁ ପଛେଇ ଯାଆନ୍ତି, ପଳେଇ ଯାଆନ୍ତି, ତେବେ ନାରୀ ସ୍ୱାଧୀନତାର ସଂଗ୍ରାମ

ନାଁରେ ତାହା ହେବ ନିଛକ ପ୍ରହସନ ମାତ୍ର । ତାହେଲେ ବୁଝିବାକୁ ହେବ, ସେମାନେ ମୁହଁରେ ଯାହା କୁହନ୍ତୁ ନା କାହିଁକି,ବାସ୍ତବରେ ସେମାନେ ମୁକ୍ତି ଚାହାଁନ୍ତି ନାହିଁ । ସେମାନଙ୍କୁ ମନେ ରଖିବାକୁ ହେବ ଯେ, କେବଳ ଟଙ୍କା ପଇସା ଥିଲେ ଆଉ ଅବାଧରେ ଚଳପ୍ରଚଳ କରିପାରିଲେ ଏହି ସମାଜରେ ନାରୀ କେବେହେଲେ ପୁରୁଷ ଭଳି ସମାନ ମର୍ଯ୍ୟାଦା ପାଇବ ନାହିଁ । ଏହାଦ୍ୱାରା ସେମାନେ ଅତିବେଶୀରେ ଉଗ୍ର ସ୍ୱାଧୀନତା ଓ ଉଚ୍ଛୃଙ୍ଖଳ ଅଧିକାର କିଛି ଭୋଗ କରିପାରନ୍ତି, କିନ୍ତୁ ସେଥିରେ ନାରୀ ମୁକ୍ତି ଅର୍ଜନ ହେବ ନାହିଁ । କାରଣ ଆମ୍ଭେମାନେ ଯେଉଁ ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଳବ କଥା କହୁ, ରଷ୍ଟ୍ରବିପ୍ଳବ କଥା କହୁ, ତାହା କ'ଣ ? ସେହି ବିପ୍ଳବର ଅର୍ଥ ହେଉଛି ମୁକ୍ତି, ପୁଞ୍ଜିବାଦୀ ଶୋଷଣ ଓ ଜୁଲୁମରୁ ଶ୍ରମିକ– ଚାଷୀର ମୁକ୍ତି, ମାଲିକର ମୁନାଫା ଚକ୍‌କରରୁ ବିଜ୍ଞାନର ମୁକ୍ତି ଆଉ ପୁରୁଷର ଜୁଲୁମ ଓ ଜବରଦସ୍ତିରୁ ନାରୀର ମୁକ୍ତି ।

ଯେଉଁମାନେ ନୂତନ ସମାଜ ଗଢିବାର ଶପଥ ନେଇଛନ୍ତି, ନାରୀ ମୁକ୍ତିର ଶପଥ ନେଇଛନ୍ତି, ସେମାନଙ୍କୁ ମନେରଖିବାକୁ ହେବ, ଏହି ମୁକ୍ତି କେବଳ ଆର୍ଥିକ ଶୋଷଣରୁ ମୁକ୍ତି ନୁହେଁ । ଅର୍ଥାତ୍ ସେମାନଙ୍କୁ ବୁଝିବାକୁ ହେବ ଯେ, ଶୋଷଣ ଅର୍ଥ କେବଳ ଆର୍ଥିକ ଶୋଷଣ ନୁହେଁ, ମାନବ ସମାଜରେ ଯେତେ ପ୍ରକାର ଶୋଷଣ, ଅତ୍ୟାଚାର ବଳବତ୍ତର ରହିଛି ସେ ସମସ୍ତ ଶୋଷଣ ଅତ୍ୟାଚାରର ଅବସାନ ଘଟାଇବାକୁ ହେବ । ଏହା ହିଁ ହେଉଛି ଆମ୍ଭମାନଙ୍କର ଲକ୍ଷ୍ୟ । ନାରୀ ଉପରେ ଯେଉଁ ଅନ୍ୟାୟ, ଜୁଲୁମ ଚାଲିଛି ତାହାର ମଧ୍ୟ ଅବସାନ ଘଟାଇବାକୁ ହେବ । ଆଉ ଏ କାର୍ଯ୍ୟ ସେମାନେ ସେତେବେଳେ କରିପାରିବେ ଯେତେବେଳେ ବ୍ୟକ୍ତିଗତ ସମ୍ପତ୍ତି ଓ ଉତ୍ପାଦନ ଯନ୍ତ୍ରକୁ ବ୍ୟକ୍ତିମାଲିକାନାରୁ ମୁକ୍ତ କରିପାରିବେ, ଯେତେବେଳେ ଉତ୍ପାଦନ ବ୍ୟବସ୍ଥାକୁ ପୁଞ୍ଜିବାଦୀ ମାଲିକାନାର ବନ୍ଧନରୁ ମୁକ୍ତ କରିପାରିବେ । ତା ପୂର୍ବରୁ ନୁହେଁ । ଅର୍ଥାତ୍ ବ୍ୟକ୍ତିମାଲିକାନାର ଅବଲୁପ୍ତି ପଥରେ ହିଁ ଯଥାର୍ଥ ନାରୀ ମୁକ୍ତି, ନାରୀ ସ୍ୱାଧୀନତା ଅର୍ଜିତ ହୋଇପାରିବ ।